# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 06 January – 2026

**************************************

## ମୁଖ୍ୟ ସମ୍ବାଦ

- ଦେଶର ୧୦ ଲକ୍ଷ ଯୁବକ ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଆସନ୍ତା ବର୍ଷେ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଦକ୍ଷତା ପ୍ରଶିକ୍ଷଣ ଦିଆଯିବ; କହିଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ
- ଓଡ଼ିଆ ଭାଷା ସମେତ ୬ଟି ଭାଷାରେ ପ୍ରକାଶିତ ୫୫ଟି ଗ୍ରନ୍ଥର ଉନ୍ମୋଚନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ବାୟୁ ପ୍ରଦୂଷଣ ମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ କଟକ ଓ ଭୁବନେଶ୍ୱରରେ ଆଜିଠାରୁ ଲାଗୁ ହେଲା କଟକଣା
- ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ନୟାଗଡ଼ ଅଧୀନରେ ଥିବା ସାତକୋଶିଆ ଗଣ୍ଡରେ ଆରମ୍ଭ ହେଲା କୁମ୍ଭୀର ଗଣନା

ଏବଂ

- ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଶୀତର ପ୍ରଭାବ ବୃଦ୍ଧି ପାଇବା ନେଇ ୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

## ଅଶ୍ୱିନୀ ବୈଷ୍ଣବ

ଦେଶରେ ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି, ଉତ୍ପାଦନ ଏବଂ ଭିତ୍ତିଭୂମି ବିକାଶ ଭଳି ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା ଏକ ପରିବର୍ତ୍ତନକାରୀ ଶକ୍ତି ଭାବେ ଉଭା ହେଉଛି ବୋଲି ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତରେ ଆସନ୍ତା ମାସରେ ବିଶ୍ୱ କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀ ଅନୁଷ୍ଠିତ ହେବ। ଆସନ୍ତା ୧ ବର୍ଷ ମଧ୍ୟରେ ୧୦ ଲକ୍ଷ ଯୁବ ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଦକ୍ଷତା ପ୍ରଶିକ୍ଷଣ ଦିଆଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

**- V/O -(ଅଶ୍ୱିନୀ ବୈଷ୍ଣବ)**

## ଜି.ରାମ.ଜି-ମୁଖ୍ୟମନ୍ତ୍ରୀ

ବିକଶିତ ଭାରତ-ଜି.ରାମ.ଜି. ଆଇନର ଉପାଦେୟତା ଏବଂ ଏହାର ଲକ୍ଷ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଭୁବନେଶ୍ୱରସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରାଯାଇ ଦୁର୍ନୀତି ହଟାଇବା ଏହି ଆଇନ୍‌ର ମୁଖ୍ୟ ଉଦ୍ଦେଶ୍ୟ। ଗ୍ରାମ ସ୍ୱରାଜ ଲକ୍ଷ୍ୟକୁ ପୂରଣ କରି ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଏହି ଆଇନ୍‌ରେ ବ୍ୟବସ୍ଥା ରହିଛି। ଏହି ଯୋଜନା ଅଧୀନରେ ବାର୍ଷିକ କର୍ମନିଯୁକ୍ତି ଅବଧିକୁ ୧୦୦ ରୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଧର୍ମେନ୍ଦ୍ର ପ୍ରଧାନ

ଶାସ୍ତ୍ରୀୟ ଭାଷା ଓ ସଂସ୍କୃତି ଆମ ଦେଶର ଅମୂଲ୍ୟ ସମ୍ପତ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭାଷାଗତ ଐତିହ୍ୟକୁ ସୁଦୃଢ଼ କରିବା ଏବଂ ଶାସ୍ତ୍ରୀୟ ଭାଷାଗୁଡ଼ିକୁ ଶିକ୍ଷା ଓ ଅନୁସନ୍ଧାନର କେନ୍ଦ୍ରବିନ୍ଦୁରେ ପ୍ରତିଷ୍ଠିତ କରିବା ଲକ୍ଷ୍ୟ ନେଇ ଶ୍ରୀ ପ୍ରଧାନ ଆଜି ନୂଆଦିଲ୍ଲୀରେ ଓଡ଼ିଆ ଭାଷା ସମେତ ୬ଟି ଭାଷାରେ ପ୍ରକାଶିତ ୫୫ଟି ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥର ଉନ୍ମୋଚନ କରିଛନ୍ତି। ଏଥିମଧ୍ୟରେ ଓଡ଼ିଆ ଭାଷାରେ ୧୦ଟି ଗବେଷଣାତ୍ମକ ପୁସ୍ତକ ପ୍ରକାଶିତ ହୋଇଛି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, ଭାଷା ବିଭାଜନ ନୁହେଁ ବରଂ ସମସ୍ତଙ୍କ ମଧ୍ୟରେ ଏକତାର ଭାବ ସୃଷ୍ଟି କରେ। ଜାତୀୟ ଶିକ୍ଷାନୀତି ୨୦୨୦ ଅଧୀନରେ ଭାରତୀୟ ଭାଷାଗୁଡ଼ିକୁ ଶିକ୍ଷା ଓ ଗବେଷଣାର କେନ୍ଦ୍ରବିନ୍ଦୁରେ ରଖିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ପ୍ରଦୂଷଣ କଟକଣା

କଟକ-ଭୁବନେଶ୍ୱରରେ ବାୟୁ ପ୍ରଦୂଷଣ ମାତ୍ରାକୁ ରୋକିବା ପାଇଁ ରାଜ୍ୟ ସରକାର କଟକଣା ଲାଗୁ କରିଛନ୍ତି। ଆଜିଠାରୁ ୭ ଦିନ ପର୍ଯ୍ୟନ୍ତ କଟକ-ଭୁବନେଶ୍ୱରରେ ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହିବ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି। ଜାତୀୟ ରାଜପଥରେ ଧୂଳି ନିୟନ୍ତ୍ରଣ ପାଇଁ ଦିନକୁ ତିନି ଥର ପାଣି ସିଞ୍ଚନ କରାଯିବ। ବାହାରେ ଆବର୍ଜନା

କିମ୍ବା ଢ଼ାବାରେ କୋଇଲା ଜାଳିବା, ସହର ମଧ୍ୟରେ ଭଙ୍ଗାରୁଜା କାର୍ଯ୍ୟ ଉପରେ କଟକଣା ଲାଗୁ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି।

## ବଜେଟ୍

୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ୍ ପ୍ରସ୍ତୁତି ନେଇ ଅର୍ଥ ବିଭାଗ ପକ୍ଷରୁ ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ କରାଯାଇଛି। ଜନସାଧାରଣ **budget.Odisha.gov.in** ପୋର୍ଟାଲ୍ ଅଥବା **Odisha.budget@gov.in** ଇମେଲ୍ ମାଧ୍ୟମରେ ବଜେଟ୍ ସମ୍ପର୍କିତ ପରାମର୍ଶ ଦେଇପାରିବେ। ଏଥିପାଇଁ ଏକ ମୋବାଇଲ୍ ନମ୍ବର ୯୪୩୮୧୬୧୧୧୧ ମଧ୍ୟ ଜାରି କରାଯାଇଛି। ଜନସାଧାରଣ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ମତାମତ ଦେଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ପକ୍ଷୀ ମହୋତ୍ସବ

ସୁରକ୍ଷିତ ପ୍ରାକୃତିକ ଉପାଦାନ ସୁରକ୍ଷିତ ପର୍ଯ୍ୟଟନର ପ୍ରତୀକ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଷଷ୍ଠ ଜାତୀୟ ଚିଲିକା ପକ୍ଷୀ ମହୋତ୍ସବକୁ ଉଦଘାଟନ୍ କରି ଶ୍ରୀମତୀ ପରିଡା କହିଛନ୍ତି, ଓଡ଼ିଶା ଉପକୂଳକୁ ପ୍ରବାସୀ ପକ୍ଷୀଙ୍କ ଯାତ୍ରା ରାଜ୍ୟର ଅନୁକୂଳ ଜଳବାୟୁର ସୂଚକ। ଚିଲିକାରେ ପ୍ରବାସୀ ପକ୍ଷୀମାନଙ୍କର ଆଗମନ ଗତି ଓ ରହଣି ସମ୍ପର୍କରେ ଆଲୋଚନା କରିବା ସହ ଶ୍ରୀମତୀ ପରିଡା ଚିଲିକାର ଜୈବ ବିବିଧତା ସଂରକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

ରାଜ୍ୟ ପର୍ଯ୍ୟଟନ ଓ ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ସହଭାଗିତାରେ ଆୟୋଜିତ ଏହି ମହୋତ୍ସବ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହ ଭାରତୀୟ ପର୍ଯ୍ୟଟନ ଏବଂ ପରିଭ୍ରମଣ ଅନୁଷ୍ଠାନ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

## କୁମ୍ଭୀର ଗଣନା

ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ, **ନୟାଗଡ଼** ଅଧୀନରେ ଥିବା ସାତକୋଶିଆ ଗଣ୍ଡରେ ଆଜିଠାରୁ କୁମ୍ଭୀର ଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ବନ୍ୟ ପ୍ରାଣୀ ବିଭାଗର କର୍ମଚାରୀମାନେ ଦୂରବୀକ୍ଷଣ ଯନ୍ତ୍ର ଓ କ୍ୟାମେରାରେ ଛୋଟ ଡଙ୍ଗା ସାହାଯ୍ୟରେ ନଦୀରେ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ କୁମ୍ଭୀର ଗଣନା କରିବେ। ଗଣନା ସମୟରେ ବଡ଼ମୂଳଠାରେ ଥିବା ପର୍ଯ୍ୟଟନ କେନ୍ଦ୍ରରେ ନୌବିହାର ବାରଣ କରାଯିବା ସହ ବଫର ଅଞ୍ଚଳରେ ମାଛ ଧରିବା ଉପରେ କଟକଣା ଜାରି କରାଯାଇଛି। ଆସନ୍ତା ୧୭ ଓ ୧୮ ତାରିଖରେ ଏହି ବନଖଣ୍ଡରେ ପକ୍ଷୀଗଣନା କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଶିଶିର ମେଳା

ଜାତୀୟ ସ୍ତରୀୟ ଶିଶିର ସରସ ମେଳା ୨୦୨୬ ଆସନ୍ତା ୧୦ ତାରିଖରୁ ଭୁବନେଶ୍ୱର ଇଡକୋ ପ୍ରଦର୍ଶନୀ ପଡ଼ିଆ ଆରମ୍ଭ ହେବ। ମିଶନଶକ୍ତିର

ସହଭାଗିତାରେ ଆୟୋଜିତ ହେବାକୁ ଥିବା ମେଳାରେ ଗ୍ରାମୀଣ ଉତ୍ପାଦକ, କାରିଗର ଏବଂ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ସିଧାସଳଖ ବିପଣନର ସୁଯୋଗ ପ୍ରଦାନ କରାଯିବ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ୨୦ ଜଣ ଶିଳ୍ପୀ ଅଂଶଗ୍ରହଣ କରିବେ। ଚଳିତବର୍ଷ ମେଳାରେ ୩୪୦ଟି ଷ୍ଟଲରେ ସ୍ୱୟଂସହାୟକ ଗୋଷ୍ଠୀଙ୍କ ସମେତ ବିଭିନ୍ନ ଉଦ୍ୟୋଗୀମାନଙ୍କ ହସ୍ତଶିଳ୍ପ ପ୍ରଦର୍ଶନ କରାଯିବ। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ  ଚାଲିବାକୁ ଥିବା ଏହି ମେଳା ପ୍ରତିଦିନ ସକାଳ ୧୦ ଟାରୁ ରାତି ୧୦ ଟା ପର୍ଯ୍ୟନ୍ତ ଖୋଲା ରହିବ। ପ୍ରତ୍ୟେକ ଦିନ ମେଳାରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ।

## ନିଯୁକ୍ତି ମେଳା

ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ ଏବଂ **ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ଧାମନଗର ବ୍ଲକ୍ ଅସୁରାଳୀଠାରେ ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଜିଲ୍ଲାର ଶତାଧିକ ଶିକ୍ଷିତ ଯୁବକ-ଯୁବତୀଙ୍କ ସହ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ସାଂସଦ ଅଭିମନ୍ୟୁ ସେଠୀ ଓ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଉପସ୍ଥିତିରେ ୮ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଥିଲେ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ **ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଜିଲ୍ଲାର ୪ଟି ପୌରାଞ୍ଚଳ ଏବଂ ୭ଟି ବ୍ଲକ୍‌ରୁ ୧୧୭ ଜଣ ଶ୍ରଦ୍ଧାଳୁ ଆଜି ରାମେଶ୍ୱରମ୍-ମଦୁରାଇ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ତୀର୍ଥଯାତ୍ରା ଗାଡିକୁ ଶୁଭାରମ୍ଭ କରି ଶ୍ରଦ୍ଧାଳୁମାନଙ୍କ ସଫଳ ଯାତ୍ରାର ଶୁଭକାମନା କରିଥିଲେ।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

ଚଳିତବର୍ଷର ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ **ଗଞ୍ଜାମ** ଜିଲ୍ଲାର ବ୍ରହ୍ମପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆଜି ବ୍ରହ୍ମପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନର ସ୍ଥାନ ଓ ସମୟ ନିର୍ଘଣ୍ଟ ସହ ପରେଡ୍ ଅଭ୍ୟାସ ସମ୍ପର୍କରେ ନିଷ୍ପତ୍ତି ନେଇଥିଲେ।

## ପାଣି ପଂଚାୟତ ପକ୍ଷ

ପାଣି ପଂଚାୟତଙ୍କଗୁଡ଼ିକର ଦକ୍ଷତା ବିକାଶ ତଥା କୃଷକମାନଙ୍କୁ ଜଳସେଚନ କ୍ଷେତ୍ରରେ ସଶକ୍ତ କରିବା ଲକ୍ଷ୍ୟ ନେଇ ରାଜ୍ୟବ୍ୟାପୀ ଆଜିଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ଜଳସମ୍ପଦ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅଧୀନରେ ପାଣି ପଞ୍ଚାୟତ ସଦସ୍ୟମାନଙ୍କୁ ତାଲିମ୍ ପ୍ରଦାନ କରାଯିବ।

**ନୟାଗଡ଼** ଜିଲ୍ଲା ଜଳସେଚନ ବିଭାଜନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଜି ପଞ୍ଚାୟତ ସଚେତନତା ରଥକୁ  ଜିଲ୍ଲାପାଳ ମଧୁମିତା ରଥ ଉଦ୍‌ଘାଟନ କରିଛନ୍ତ।

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରରେ କ୍ଷୁଦ୍ର ଜଳସେଚନ ବିଭାଜନ ପକ୍ଷରୁ ବିଭାଜନସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନ କରାଯାଇଛି।

**ଦେବଗଡ଼** ଜିଲ୍ଲା ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ବିଭାଜନ ପକ୍ଷରୁ ଆୟୋଜିତ ପାଣି ପଞ୍ଚାୟତ ପକ୍ଷ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ।

କୃଷି ଓ କୃଷକଙ୍କ ଉନ୍ନତି ଲକ୍ଷ୍ୟରେ ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ **ଗଞ୍ଜାମ** ଜିଲ୍ଲାରେ ଆଜିଠାରୁ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ଛତ୍ରପୁରସ୍ଥିତ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାଣି ପଞ୍ଚାୟତ ରଥକୁ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ ଶୁଭାରମ୍ଭ କରିଥିଲେ।

**କନ୍ଧମାଳ** ଜିଲ୍ଲାରେ ମଧ୍ୟ ପାଣି ପଞ୍ଚାୟତ ପକ୍ଷ ରଥର ଶୁଭାରମ୍ଭ ହୋଇଛି।

# ପାଣିପାଗ

ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଶୀତର ପ୍ରଭାବ ବୃଦ୍ଧି ପାଇବା ନେଇ ୬ଟି ଜିଲ୍ଲାକୁ ଆଞ୍ଚଳିକ ପାଣିପାଗ

ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ, କଟକ, କୋରାପୁଟ ଓ ଜଗତ୍‌ସିଂହପୁର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି ଆସନ୍ତା ୩ ରୁ ୪ ଦିନ ମଧ୍ୟରେ ଶୀତର ପ୍ରଭାବ ବୃଦ୍ଧି ପାଇବ । ପରବର୍ତ୍ତୀ ସମୟରେ ତାପମାତ୍ରାରେ ସାମାନ୍ୟ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି ।

*********************************